# ତପୋବନ ବାର୍ଷିକ ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼



ଅତିଥିମାନେ ତପୋବନ ବାର୍ଷିକ ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

ଢେଙ୍କାନାଳ,୨୨।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ କାଦୁଆସ୍ଥିତ ତପୋବନ ପୀଠରେ ବୁଧବାର କାର୍ତ୍ତିକ ଶୁକ୍ଳ ଦଶମୀ ତିଥିରେ ବାର୍ଷିକ ତପୋବନ ମେଳା ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ମେଳାରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ପୀଠରେ ଅଖଣ୍ଡ ଜ୍ୟୋତି ଓ ବ୍ରହ୍ମଧୁନୀ ଦର୍ଶନ କରିଥିଲେ। ଅପରାହ୍ନ ସାଢେ ୧ଟା ସମୟରେ ପୀଠରେ ତପୋବନ ବାର୍ଷିକ ପତ୍ରିକା ଉନ୍ମୋଚିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଯୋଗଦେଇ ତପୋବନ ପତ୍ରିକାକୁ ଉନ୍ମୋଚନ କରିବା ସହ କହିଲେ, ପୀଠର ଉନ୍ନତୀକରଣ ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟ କରାଯାଇଥିବା ବେଳେ ଏହାକୁ ଅଧିକ ଆକର୍ଷଣୀୟ କରାଯିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ମୁଖ୍ୟବକ୍ତା ଭାବେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ଏବଂ ବିଶିଷ୍ଟ ଅତିଥି ଭାବେ ତପୋବନ ଆଶ୍ରମର ମୁଖ୍ୟ ମହିମା ସନ୍ନ୍ୟାସୀ ଶ୍ରୀମଦ୍ ରଘୁନାଥ ବାବା ପ୍ରମୁଖ ଉପସ୍ଥିତ ଥିଲେ। ମହିମା ଜ୍ୟୋତି ଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ପୀଠର ବିଭିନ୍ନ ସମସ୍ୟା ସମାଧାନ ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ତପୋବନ ପତ୍ରିକା ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହିମା ଧର୍ମର ପ୍ରତିଷ୍ଠାତା ମହିମାସ୍ୱାମୀ ଓ ତାଙ୍କର ଶିଷ୍ୟ ନୃସିଂହ ବାବା ଓ ଗୋବିନ୍ଦ ବାବାଙ୍କୁ ନେଇ ଗୁରୁ-ଶିଷ୍ୟର ପରମ୍ପରାର ସ୍ମୃତି ଉଦ୍ଦେଶ୍ୟରେ ଏହା ଅନୁଷ୍ଠିତ ହେଉଥିବା ମହିମା ଯାତ୍ରା ସଂଯୋଜକ ସୂଚନା ଦେଇଥିଲେ। ସେହିପରି ପୀଠ ଶୀଖର ଦେଶରେ ବିଶ୍ୱକଲ୍ୟାଣ ଓ ମାନବବାଦର ପ୍ରତିଷ୍ଠା ପାଇଁ ସ୍ୱତନ୍ତ୍ର ବ୍ରହ୍ମଧୁନୀ ସ୍ଥାପନ କରାଯାଇ ଅହୋରାତ୍ର ଘୃତାହୁତି ପ୍ରଦାନ କରାଯାଇଥିଲା। ସ୍ୱତନ୍ତ୍ର ଝାଡଦୀପ ପ୍ରଜ୍ୱଳିତ ହୋଇଥିଲା। ମହିମା ଭଜନ ଅନୁଷ୍ଠିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା।

## ଦୁର୍ଘଟଣାରେ ମହିଳା ମୃତ, ରାସ୍ତାରୋକୋ

ଢେଙ୍କାନାଳ,୨୨।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଗହମଖୁଣ୍ଟି ଗ୍ରାମରେ ବୁଧବାର ମଧ୍ୟାହ୍ନରେ ଏକ ଟିପ୍ପର ଧକ୍କାରେ ବାଇକ୍‌ରେ ଯାଉଥିବା ଇନ୍ଦିରା ନାୟକ(୩୦)ଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ରାସ୍ତାରୋକୋ କରାଯାଇଥିଲା। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ଅନୁଯାୟୀ, କୃଷ୍ଣକୁମାରପୁର ଗ୍ରାମର ବୁଦ୍ଧୁ ନାୟକଙ୍କ ସ୍ତ୍ରୀ ଇନ୍ଦିରା ସମ୍ପର୍କୀୟଙ୍କ ସହିତ ବାଇକ୍‌ରେ ଯାଉଥିବା ବେଳେ ଏକ ଟିପ୍ପର ପଛରୁ ଧକ୍କାଦେଇ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ସଦର ତହସିଲଦାର ସୁଧାଂଶୁ କୁମାର ସାଓ, ଗୋବିନ୍ଦପୁର ଫାଣ୍ଡି ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ରେଡ୍‌କ୍ରସରୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଦୁର୍ଘଟଣା ଘଟାଇଥିବା ଟିପ୍ପରକୁ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ. ୯୬୫/୨୩ରେ ଏକ ମାମଲା ରୁଜୁ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ବିୟୁଟି ପାର୍ଲର ତାଲିମ ଶୁଭାରମ୍ଭ

ଢେଙ୍କାନାଳ,୨୨।୧୧(ରତନ ନାୟାର)

ଢେଙ୍କାନାଳ ରଥଗଡ଼ା ଏଲ୍‌ଆଇସି ଲେନ୍‌ଠାରେ ଥିବା ୟୁକୋ ଗ୍ରାମ୍ୟ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପରିସରରେ ଏକମାସିଆ ବିୟୁଟି ପାର୍ଲର ତାଲିମ କାର୍ଯ୍ୟକ୍ରମ ସୋମବାରଠାରୁ ଶୁଭାରମ୍ଭ କରାଯାଇଛି। ଉଦ୍‌ଘାଟନୀ ଦିବସରେ ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଜିଲା ଲିଡ୍ ବ୍ୟାଙ୍କ ମ୍ୟାନେଜର ଦେବାଶିଷ କୁଣ୍ଡୁ, ଜିଲା ଶିଳ୍ପ କେନ୍ଦ୍ର ଜେନେରାଲ ମ୍ୟାନେଜର ପି.କେ. ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶିକା ଶିବାନୀ ପ୍ରିୟଦର୍ଶିନୀ ମହିଳାମାନେ ତାଲିମ ନେଇ ପରବର୍ତ୍ତୀ ସମୟରେ କିପରି ସ୍ୱାବଲମ୍ବୀ ହୋଇ ରୋଜଗାରକ୍ଷମ ହୋଇପାରିବେ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରତିଷ୍ଠାନର ପ୍ରଶିକ୍ଷକ ସୁଚିତ୍ରା ଗଡନାୟକ, ଚିନ୍ମୟ କୁମାର ଜେନା, ଅଫିସ ସହାୟକ କାଦମ୍ବରୀ ମହାଖୁଡ, ପ୍ରଣବ ମିଶ୍ର ଓ ସତ୍ୟମ ଶୁଭମ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





ବିୟୁଟି ପାର୍ଲର ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅଧିକାରୀମାନେ।

# ଜିଲାସ୍ତରୀୟ ଛତୁ ମିଶନ ପ୍ରଶିକ୍ଷଣ ଶିବିର

ଢେଙ୍କାନାଳ,୨୨।୧୧(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠ ଶ୍ୟାମାଚରଣପୁର ସ୍ଥିତ ସେୟାର ସମ୍ମିଳନୀ କକ୍ଷରେ ଛତୁ ମିଶନର ଏକ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ଦୀପ୍ତିକାନ୍ତ ରାଉତରାୟ ଯୋଗ ଦେଇଥିଲେ। ସରକାରଙ୍କ ମିଶନ ଶକ୍ତି ଜରିଆରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଅଧିକରୁ ଅଧିକ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ କରିବା ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଆଗାମୀ ଦିନରେ ମହିଳାମାନେ ଛତୁ ଚାଷରେ ସାମିଲ ହୋଇ ଛତୁର ଚାହିଦା ପୂରଣ କରିପାରିବେ। ଏହି କାର୍ଯ୍ୟକ୍ରମରେ ଉପନିର୍ଦ୍ଦେଶକ ଉଦ୍ୟାନ କୃଷି ଗୀତାଶ୍ରୀ ପାଢୀ, ଡିଆର୍‌ସିଏସ୍ ସରୋଜିନୀ ଜେନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆମ୍‌ବୁଡ୍‌ସମ୍ୟାନ ଅମରେନ୍ଦ୍ର ମଲ୍ଲ, ଜୀବିକା ମିଶନ ଡିପିଏମ୍ ସତ୍ୟଭାମା ପ୍ରଧାନ, ସଫଳ ଛତୁଚାଷୀ ଅଜୟ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ୭୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, କୃଷିମିତ୍ର ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ରାଜ୍ୟ ଛତୁ ମିଶନ ଓ ଉଦ୍ୟାନ କୃଷି ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା।



ଜିଲାସ୍ତରୀୟ ଛତୁ ମିଶନ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

# ୧୧୨ ବରିଷ୍ଠ ନାଗରିକ ଗଲେ ହରିଦ୍ୱାର, ରିଷିକେଶ

ଢେଙ୍କାନାଳ,୨୨।୧୧(ରତନ ନାୟାର)

ଢେଙ୍କାନାଳ ଜିଲାର ୧୧୨ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ହରିଦ୍ୱାର ଓ ରିଷିକେଶ ଯିବା ପାଇଁ ବୁଧବାର ଅପରାହ୍ନ ସାଢେ ୨ଟାରେ ଢେଙ୍କାନାଳରୁ ଯାତ୍ରା ଆରମ୍ଭ କରିଛନ୍ତି। ସହରସ୍ଥିତ ଗୁଡିଆନାଳୀ କଲ୍ୟାଣ ମଣ୍ଡପଠାରେ ଏହି ୧୧୨ ବରିଷ୍ଠ ନାଗରିକଙ୍କୁ ଭୁବନେଶ୍ୱର ନେବା ପାଇଁ ଓଟିଡିସିର ୪ଟି ବସ୍ ବ୍ୟବସ୍ଥା କରାଯାଇଥିଲା। ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ପ୍ରମୁଖ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ।





ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରାର ଶୁଭାରମ୍ଭ କରାଯାଉଛି।

ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ ଉପସ୍ଥିତ ଥିଲେ। ଗୁରୁବାର ଏହି ତୀର୍ଥ ଯାତ୍ରୀମାନେ ଟ୍ରେନ୍ ଯୋଗେ ହରିଦ୍ୱାର ଓ ରିଷିକେଶ ଯିବେ। ମୁଖ୍ୟମନ୍ତ୍ରୀ ଏହି ଯାତ୍ରାର ଭୁବନେଶ୍ୱରରୁ ଶୁଭାରମ୍ଭ କରିବେ ବୋଲି ସୂଚନା ମିଳିଛି।

# ୭ ଆନ୍ତଃ ଜିଲା ଡକାୟତ ଗିରଫ

କାମାକ୍ଷାନଗର,୨୨।୧୧ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ପୋଲିସ ଏକ ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗର ୭ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ସଦର ଥାନା ଶଙ୍କରପୁର ଗ୍ରାମର ପିଣ୍ଟୁ ଓରଫ ସିପୁନ ସାହୁ(୨୩), ମଦନ ଓରଫ ସରୋଜ ନାୟକ (୨୬), ବାପୁନି ଓରଫ ରଣଜିତ ରାଉତ (୨୫), ପପୁ ରାଉତ (୨୩), ସଦର ଥାନା ଗଞ୍ଜେଇଡିହି ଗ୍ରାମର ସିତୁ ଓରଫ ସୁଜିତ କୁମାର ନାୟକ (୨୩), ସପ୍ତଶଯ୍ୟା ଗ୍ରାମର ବିକାଶ ଓରଫ ଶଙ୍କର ସେଠୀ (୧୮), କଟକ କାନପୁର ଥାନା ଅଞ୍ଚଳର ପ୍ରକାଶ ଓରଫ ପ୍ରକାଶ ଚନ୍ଦ୍ର ବେହେରା (୨୯)।

କାମାକ୍ଷାନଗର ଥାନା ପରିସରରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ନିରୀକ୍ଷକ ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି, ମଙ୍ଗଳବାର ରାତି ପ୍ରାୟ ୨ଟାରେ ଏକ ୭ଜଣିଆ ଡକାୟତ ଗ୍ୟାଙ୍ଗ ବିରାଶାଳସ୍ଥିତ କୋଚିଲା ବାଙ୍କ ନିକଟରେ ଥିବା ଏକ ଘରେ ବସି ଡକାୟତି ଯୋଜନା କରୁଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ପାଲିସ ଅତର୍କିତ ଚଢାଉ କରି ସେମାନଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଥିଲା। ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ, ୬୦ ହଜାର ଟଙ୍କା, ଗୋଟିଏ କାର, ଗୋଟିଏ ବାଇକ୍, ୫ଟି ହ୍ୟାଣ୍ଡ ବମ, ୨ କାତି ୭ ମୋବାଇଲ, ୨ ପ୍ୟାକେଟ ଲଙ୍କା ଗୁଣ୍ଡ ଜବତ କରିଛି। ଏହି ଡକାୟତମାନଙ୍କ ନାମରେ ଆଠଗଡ, ତିଗିରିଆ, କାନପୁର, ସଦର ଥାନା ସମେତ ବିଭିନ୍ନ ଥାନାରେ ମାମଲା ରହିଛି। ଏହି ଖବରଦାତା ସମିଳନୀରେ ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, କଙ୍କଡାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା, କାମାକ୍ଷାନଗର ଥାନା ଅଧିକାରୀ ଶରତ ଚନ୍ଦ୍ର ମହାଳିକ, ଭାପୁର ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ସେଠୀ, ଏସ୍‌ଆଇ ପ୍ରତାପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଗିରଫ ଡକାୟତମାନଙ୍କ ସହ ଖବରଦାତା ସମ୍ମିଳନୀରେ ଉପସ୍ଥିତ ପୋଲିସ ଅଧିକାରୀମାନେ।

# ଉତ୍ପାଦକ ସଙ୍ଗଠନ ପରିଚାଳନା ଉପରେ ଆଲୋଚନା

ଢେଙ୍କାନାଳ,୨୨।୧୧(ରତନ ନାୟାର)

ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଓ ବୁଧବାର କୃଷକ ଉତ୍ପାଦକ ତାଲିମ ଶିବିର ଅନୁଷ୍ଠିତ ହେଇଯାଇଛି। ସିନର୍ଜି ଆନୁକୂଲ୍ୟରେ ଓ ନାବାର୍ଡ ଏବଂ ଏନ୍‌ସିଡିସି ସହାୟତାରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ଅନୁଗୋଳ, କେନ୍ଦୁଝର, ବାଲେଶ୍ୱର ଓ ଢେଙ୍କାନାଳ ଜିଲାର ୯ ଗୋଟି କୃଷକ ଉତ୍ପାଦକ ସଙ୍ଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବୋର୍ଡ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଲକ୍ଷ୍ମଣ ପାଲଟା ସିଂ, କୃଷି ବିଭାଗ ଉପକୃଷି ନିର୍ଦ୍ଦେଶକ ଓ ରାଜ୍ୟ ସାଧନ ଅଧିକାରୀ ଆପିକଲ୍ ଅଭିମନ୍ୟୁ ପଣ୍ଡା, ସିନର୍ଜୀ ପ୍ରିନ୍ସିପାଲ ଇତିଶ୍ରୀ ମହାନ୍ତି, ପ୍ରୋଜେକ୍ଟ ମ୍ୟାନେଜର ସିନର୍ଜି ପରମାନନ୍ଦ ପ୍ରଧାନ ଯୋଗଦେଇ ଉତ୍ପାଦକ ସଙ୍ଗଠନ ପରିଚାଳନା ଓ ବ୍ୟବସାୟ ଯୋଜନା ଉପରେ ଆଲୋଚନା କରିଥିଲେ। ବ୍ୟବସ୍ଥିତ ଭାବେ କୃଷିକ୍ଷେତ୍ର କରି ଅଧିକ ଫସଲ ଉତ୍ପାଦନ ଓ ବଜାର ବ୍ୟବସ୍ଥା ଉପରେ ଉତ୍ପାଦକ ଗୋଷ୍ଠୀମାନଙ୍କୁ ଉତ୍ପାଦକ ସଙ୍ଗଠନକୁ ସଶକ୍ତୀକରଣ କରିବାକୁ ଅବଗତ କରାଯାଇଥିଲା। କୃଷକ ଉତ୍ପାଦକ ସଙ୍ଗଠନମାନେ ବିହନରୁ ଉତ୍ପାଦନ ଓ ବଜାର ପର୍ଯ୍ୟନ୍ତ କାମ କରି ଚାଷୀମାନଙ୍କ ଆୟ ବୃଦ୍ଧି ପାଇଁ ଆବଶ୍ୟକ ବ୍ୟବସାୟ ଯୋଗାଣ ଉପରେ ଆଲୋଚନା କରାଯାଇଥିଲା। ସିନର୍ଜିର କ୍ଷେତ୍ର କର୍ମଚାରୀ ସୁରଥ ସାହୁ, ଚନ୍ଦ୍ରକାନ୍ତ ମିଶ୍ର ଓ ସୁଧାଂଶୁ ମିଶ୍ର ସହଯୋଗ କରିଥିଲେ।



କୃଷକ ଉତ୍ପାଦକ ସଙ୍ଗଠନ ତାଲିମ ଶିବିରରେ ଉପସ୍ଥିତ ଅଧିକାରୀମାନେ।

# ଭାଜପାର ଜନ ଆକ୍ରୋଶ ଆନ୍ଦୋଳନ

ଢେଙ୍କାନାଳ,୨୨।୧୧(ରତନ ନାୟାର)

ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ମଙ୍ଗଳବାର ଭାଜପା ପକ୍ଷରୁ ଗଁଦିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଜନ ଆକ୍ରୋଶ ଆନ୍ଦୋଳନ କରାଯାଇଥିଲା। ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ କଲେଜ ଛକ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ଗଁଦିଆ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନୁଷ୍ଠିତ ବିକ୍ଷୋଭ ସଭାରେ ଜିଲା ସାଧାରଣ ସମ୍ପାଦକ ରତିକାନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ଉକ୍ତ ସଭାରେ ଭାଜପାର ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଭାଜପା ନେତା ରାମଚନ୍ଦ୍ର ପାତ୍ର, ଢେଙ୍କାନାଳ ଲୋକ ସଭା ଦଳୀୟ ସଂଯୋଜକ ପ୍ରେମାନନ୍ଦ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା, ଜିଲା ଉପସଭାପତି ପବିତ୍ର ବିଶ୍ୱାଳ, କୋଷାଧ୍ୟକ୍ଷ ସଞ୍ଜୀବ ମହାପାତ୍ର, ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା ପ୍ରମୁଖ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ପରେ ଏକ ପ୍ରତିନିଧି ମଣ୍ଡଳୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଯୋରନ୍ଦା ମଣ୍ଡଳ ସଭାପତି ପ୍ରତ୍ୟୁଷହରି ପ୍ରଧାନ, ଗଁଦିଆ ମଣ୍ଡଳ ସଭାପତି ଲଳିତ ଦାସ, ନିହଲପ୍ରସାଦ ମଣ୍ଡଳ ସଭାପତି ପ୍ରଦୀପ ଦାସ, ସମିତିସଭ୍ୟ ଶତ୍ରୁଘ୍ନ ରାଉତ, ସରପଞ୍ଚ ଅଜୟ କୁମାର ମହାନ୍ତିଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ।





ଗଁଦିଆ ବ୍ଲକ୍‌ରେ ଭାଜପାର ଜନ ଆକ୍ରୋଶ ଆନ୍ଦୋଳନ।

# ବହିଷ୍କୃତ ଏମ୍‌ବିକେ, ସିଆର୍‌ପିଙ୍କୁ ପୁନଃନିଯୁକ୍ତି ଦାବି

ଢେଙ୍କାନାଳ,୨୨।୧୧(ରତନ ନାୟାର)





ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଜିପିଏଲ୍‌ଏଫ୍ ମିଶନ ଶକ୍ତି କର୍ମୀ ସାମୁଖ୍ୟ ସଂଘର କର୍ମକର୍ତ୍ତା ଓ ସଦସ୍ୟାମାନେ।

ଢେଙ୍କାନାଳ ଜିଲା ପଞ୍ଚାୟତ ଲେଭଲ ଫେଡେରେଶନ ମିଶନ ଶକ୍ତି କର୍ମୀ ସାମୁଖ୍ୟ ପକ୍ଷରୁ ଜିଲାପାଳଙ୍କୁ ବୁଧବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ସଦସ୍ୟମାନେ ଏକ ଶୋଭାଯାତ୍ରାରେ ମିନି ଷ୍ଟାଡିୟମଠାରୁ ବାହାରି ଜିଲା କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଦର୍ଶାଯାଇଛି, ଓଡ଼ାପଡ଼ା ବ୍ଲକ ଗଦାଶିଳା ପଞ୍ଚାୟତସ୍ତରୀୟ ସଂଘର ଏମ୍‌ବିକେ ରଶ୍ମିତା ଜେନା ଓ ସିଆର୍‌ପି ସବିତା ପ୍ରଧାନଙ୍କୁ ବିନା କାରଣରେ ସଭାପତି ଏବଂ ଜିପିଏଲ୍‌ଏଫ୍‌ର ସମସ୍ତ ଏକଜୁକ୍ୟୁଟିଭ କମିଟି ସଦସ୍ୟା ବହିଷ୍କାର କରିଛନ୍ତି। ଏମ୍‌ବିକେ ରଶ୍ମିତା ଜଣେ ସ୍ୱାମୀହରା ଅସହାୟ ମହିଳା ହୋଇଥିବାରୁ ଏହି ପଦବୀରେ ରହି ପାଉଥିବା ପାରିଶ୍ରମିକରେ ବହୁ କଷ୍ଟରେ ଘର ଚଳାଇବା ସହିତ ଝିଅଙ୍କୁ ପାଠ ପଢାଉଛନ୍ତି। ତେଣୁ ଏମ୍‌ବିକେ ରଶ୍ମିତା ଓ ସିଆର୍‌ପି ସବିତାଙ୍କୁ ୭ଦିନ ମଧ୍ୟରେ ପୁନଶ୍ଚ କାର୍ଯ୍ୟରେ ଯୋଗ ଦେବା ପାଇଁ ଅନୁମତି ଦିଆଯାଉ। ଏହି ଅଭିଯୋଗର ସମାଧାନ ନ ହେଲେ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରାଯିବ ଏବଂ ରାଜ୍ୟସ୍ତରରେ ମଧ୍ୟ ଆନ୍ଦୋଳନ ହେବ ବୋଲି ଜିପିଏଲଏଫ୍ ମିଶନଶକ୍ତି କର୍ମୀ ସଂଘ ସଭାପତି ବିନତୀ ସାହୁ ଓ ସମ୍ପାଦକ ସ୍ୱର୍ଣ୍ଣଲତା ସାହୁ ପ୍ରମୁଖ ଜିଲାପାଳଙ୍କୁ ଜଣାଇଛନ୍ତି। ଏହାର ନକଲ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳିକା, ଜିଲା ସର୍ବଶିକ୍ଷା ପ୍ରକଳ୍ପ ସଂଯୋଜିକା, ମିଶନ ଶକ୍ତି କମିଶନର ସଚିବ, ଓଡିଶା ଜୀବିକା ମିଶନ ନିର୍ଦ୍ଦେଶକ ଭୁବନେଶ୍ୱରଙ୍କୁ ପ୍ରଦାନ କରାଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ଦାୟିତ୍ୱ ନେଲେ ଟାମଡା ଅଧ୍ୟକ୍ଷ

ଅନୁଗୋଳ,୨୨।୧୧(ଅମିତ କୁମାର ସାମଲ)

ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ (ଟାମଡା) ଅଧ୍ୟକ୍ଷ ଭାବେ ମୀନକେତନ ଅମାନ୍ତ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରାରେ ଆସି ଅମାନ୍ତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ନୂଆ ଦାୟିତ୍ୱ ନେବା ଅବସରରେ ଅମାନ୍ତଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଓ ବିଜେଡି ଜିଲା ସଭାପତି ମହେନ୍ଦ୍ର



ବଢ଼ିଆ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ। ଅପରାହ୍ନରେ ଅମାନ୍ତ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ପ୍ରକାଶ କରିଥିଲେ।

# ୯ ଟ୍ରାକ୍ଟର, କୃଷି ଯନ୍ତ୍ରପାତି ବୁକିଂ କଲେ ଚାଷୀ

ଆଠମଲ୍ଲିକ,୨୨।୧୧(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ଖେଳପଡିଆରେ ୩ ଦିନ ଧରି ଚାଲିଥିବା ଉପଖଣ୍ଡସ୍ତରୀୟ କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳ ଉଦ୍‌ଯାପିତ ହୋଇଯାଇଛି। ଚାଷୀମାନେ ଏହି ମେଳାରୁ ଚାଷ ସମ୍ପର୍କିତ ଜ୍ଞାନ ଆହୋରଣ କରିବା ସହିତ ହାରହାରି ୧ କୋଟି ୨୩ ଲକ୍ଷ ୫୯ ହଜାର ଟଙ୍କାର ୯ ଟ୍ରାକ୍ଟର ଓ କୃଷି ଯନ୍ତ୍ରପାତି ରିହାତିରେ ବୁକିଙ୍ଗ କରିଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଏହି ମେଳାର ଉଦ୍‌ଯାପନୀ ଦିବସରେ ଉପଜିଲାପାଳ ଡ. ଜିତେନ୍ଦ୍ର କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ କୃଷି ଆଇନକୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରଚାର ପ୍ରସାର



ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଜନପ୍ରତିନିଧି ଓ ଅଧିକାରୀମାନେ।

କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋରନଗର ବ୍ଲକ ଅଧ୍ୟକ୍ଷା ସୈରିନ୍ଦ୍ରୀ ପ୍ରଧାନ, ଏସ୍‌ଡିଭିଓ ନୀଳାଞ୍ଚଳ ସେନାପତି, କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା, ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, କୃଷି ବିଭାଗ ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୃଷି ବିଜ୍ଞାନୀ ଡ. ଏକାଦଶୀ ନନ୍ଦୀ, ଡ. ନନ୍ଦ କିଶୋର ମହାକୁଡ଼ଙ୍କ ସମେତ ମତ୍ସ୍ୟ ଅଧିକାରୀ ଓ ପ୍ରାଣୀଧନ ଚିକିତ୍ସା ଅଧିକାରୀଙ୍କ ସହିତ ଚାଷୀମାନେ ଚାଷ ସମ୍ବନ୍ଧୀୟ ମତ ବିନିମୟ କରିଥିଲେ। ଶେଷରେ କୃଷି ଜିଲା ଅଧିକାରୀ ବିଷ୍ଣୁ ପ୍ରସାଦ କର କୃଷି କାର୍ଯ୍ୟାଳୟ ସହିତ ଚାଷୀମାନେ ସବୁବେଳେ ଯୋଗାଯୋଗ କରି ସରକାରଙ୍କ ଘୋଷିତ ଯୋଜନାର ଲାଭ ନେବାକୁ ପରାମର୍ଶ ଦେଇଥିଲେ।

## ରାଜ୍ୟପାଳଙ୍କୁ ଭେଟିଲେ ପ୍ଲାଟିନମ୍ ଜୁବିଲି କମିଟି ସଦସ୍ୟ

ଛେଣ୍ଡିପଦା,୨୨।୧୧(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ହାଇସ୍କୁଲର ପ୍ଲାଟିନମ୍ ଜୁବିଲି ପାଳନ କରାଯିବ। ଏ ନେଇ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଗତ ସପ୍ତାହରେ ପ୍ଲାଟିନମ୍ ଜୁବିଲି କମିଟି ସଭାପତି ଅଶୋକ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି କାର୍ଯ୍ୟକ୍ରମକୁ ଆସିବାକୁ ନିମନ୍ତ୍ରଣ କରିଛନ୍ତି। ଏହି ଟିମ୍‌ରେ ପ୍ଲଟିନମ ଜୁବିଲି ପାଳନ କମିଟି ଉପଦେଷ୍ଟା ତଥା ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନ, ଅନ୍ୟତମ ଉପଦେଷ୍ଟା ଅଗସ୍ତି ବେହେରା, ଆଲୁମିନି କମିଟି ସଭାପତି ଲମ୍ବୋଦର ପ୍ରଧାନ, କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ପ୍ରସାଦ ବେହେରା, ସାଧାରଣ ସମ୍ପାଦକ ଦଣ୍ଡଧର ଦେହୁରୀ, ଗଣେଶ୍ୱର ପ୍ରଧାନ, କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଇନ୍ଦ୍ରମଣି ପ୍ରଧାନ, ବଳରାମ ସାହୁ ଉପସ୍ଥିତ ଥିଲେ।



ରାଜ୍ୟପାଳଙ୍କ ସହ ପ୍ଲାଟିନମ୍ ଜୁବିଲି କମିଟିର ସଦସ୍ୟମାନେ।

# ବାଲ୍ୟ ବିବାହ ରୋକିବା ପାଇଁ ସଚେତନତା

କାମାକ୍ଷାନଗର,୨୨।୧୧ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାଟଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଏକଜୁଟ୍ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବାଲ୍ୟବିବାହ ଓ କନ୍ୟାଭ୍ରୁଣ ହତ୍ୟା ରୋକିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଟଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବାଟଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଗୁଡ଼ିଆ, ଶିକ୍ଷକ ଶିଶିର ବରାଳ, ବିଶ୍ୱସର ମହାନ୍ତି, ନିରଞ୍ଜନ ସାହୁ, ଦିଲୀପ ନାୟକ ଓ ରଞ୍ଜନ ବରାଳ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ପ୍ରଦନ କୁମାର ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ସଙ୍ଗଠନ ତରଫରୁ ଛାତ୍ରୀମାନଙ୍କୁ ନେଇ ବାଟଗାଁ ଉଚ୍ଚ ବିଦ୍ୟାଳୟରୁ ଏକ ରାଲି ବାହାରି ବିଭିନ୍ନ ସାହିରେ ପହଞ୍ଚି ବାଲ୍ୟବିବାହ ଓ କନ୍ୟାଭ୍ରୁଣ ହତ୍ୟା ରୋକିବା ଉପରେ ସାହିବାସିନ୍ଦାଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର କର୍ମୀ ପ୍ରବାସ, ପବିତ୍ର, ସପ୍ନା, ସୁଦିପ୍ତା, ସବିତା, ଅର୍ଚ୍ଚନା, ଶୁଭଲକ୍ଷ୍ମୀ, ଗୌରୀ ଉପସ୍ଥିତ ଥିଲେ।




ବାଟଗାଁ ଉଚ୍ଚ ବିଦ୍ୟାଳୟରୁ ବାହାରିଥିବା ଶୋଭାଯାତ୍ରାରେ କର୍ମକର୍ତ୍ତାମାନଙ୍କ ସହ ଛାତ୍ରୀଛାତ୍ରମାନେ।

## ଜିଲା ଯୁବମୋର୍ଚ୍ଚା ସଭାପତିଙ୍କ ନାମ ଘୋଷଣା

ଅନୁଗୋଳ,୨୨।୧୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଭାଜପାର ପୂର୍ବତନ ଯୁବମୋର୍ଚ୍ଚା ସଭାପତି ସୁଦୀପ୍ତ ସ୍ୱାଇଁଙ୍କୁ



ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ କରାଯାଇଛି। ଏଥିସହ ଜିଲାର ନୂତନ ଯୁବମୋର୍ଚ୍ଚା ସଭାପତି ଭାବେ ସିଦ୍ଧାର୍ଥ ରାଉତରାୟଙ୍କ ନାମ ଘୋଷଣା କରାଯାଇଛି। କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଏହି ଘୋଷଣା କରାଯାଇଥିବା ଅନୁଗୋଳ ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ ପ୍ରେସ ବାର୍ତ୍ତା ଜରିଆରେ ଜଣାଇଛନ୍ତି।

# କୃତଜ୍ଞତା ଜଣାଇଲେ ପାଇକସାହିବାସୀ



ପାଇକସାହି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ୧୦୮ ଆମ୍ବୁଲାନ୍ସ ସହ ଅଞ୍ଚଳବାସୀ।

ବଇଣ୍ଡା, ୨୨।୧୧ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ପାଇକସାହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ୧୦୮ ଆମ୍ବୁଲାନ୍ସ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି। ଏହି ଆମ୍ବୁଲାନ୍ସ ମଙ୍ଗଳବାର ପାଇକସାହି ଠାରେ ପହଞ୍ଚିବା ପରେ ପଞ୍ଚାୟତ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଆମ୍ବୁଲାନ୍ସକୁ ପୂଜା କରାଯାଇଥିଲା। ଅଞ୍ଚଳବାସୀ କହିବା ଅନୁଯାୟୀ, ପାଇକସାହି ମେଡିକାଲକୁ ଏକ ଆମ୍ବୁଲାନ୍ସ ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ବହୁବାର ଦାବି କରାଯାଇଥିଲା। ଏବେ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିବାରୁ ଅନୁଗୋଳ, ଆଠମଲ୍ଲିକ ବ୍ଲକର ୧୫ ପଞ୍ଚାୟତବାସୀ ଉପକୃତ ହେବା ସହ ଜରୁରୀ ସ୍ୱାସ୍ଥ୍ୟସେବା ସୁବିଧା ପାଇପାରିବେ। ଏହି ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିବା ଯୋଗୁ ସରପଞ୍ଚ ନିରୋଜକାନ୍ତ ସାହୁ, ସମିତିସଭ୍ୟ ମୋହନ ଭୋଇ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୋଦ ସାହୁ, ପାଇକସାହି ମେଡିକାଲର ଡାକ୍ତର ରାଜେଶ କୁମାର ଜେନା, ଦୀପକ କୁମାର ପ୍ରଧାନ, ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## କାର୍ତ୍ତିକେୟ ପୂଜା ଭସାଣି ଉତ୍ସବ

ବଇଣ୍ଡା, ୨୨।୧୧ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଧଡରପାଳ ଗ୍ରାମରେ ଶୁକ୍ରବାର ଠାରୁ କାର୍ତ୍ତିକେୟ ପୂଜା ଆରମ୍ଭ ହୋଇଥିବା ବେଳେ ସୋମବାର ଏହାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା ଆୟୋଜନ ସମୟରେ ରଙ୍ଗବେରଙ୍ଗ ଆଲୋକ ମାଳାରେ ମଣ୍ଡପ ଝଲସି ଉଠିଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୀର୍ଘବର୍ଷ ହେବ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ପୂଜା ପାଳନ କରାଯାଇଆସୁଛି। ଭସାଣି ଶୋଭାଯାତ୍ରାରେ ଶତାଧିକ ଲୋକ ସାମିଲ ହୋଇଥିବା ବେଳେ ବାଜା ଓ ବାଣ ଯୋଗୁ ଏହା ବେଶ୍ ଆଡ଼ମ୍ବରରେ ସମାପନ ହୋଇଥିଲା। କମିଟିର ସୁଜିତ କୁମାର ପ୍ରଧାନ, ଅଜିତ କୁମାର ପ୍ରଧାନ, ଅକ୍ଷୟ କୁମାର ପ୍ରଧାନ, ସତବସନ୍ତ ସାହୁ, ଲବ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।



# କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ



ତାଳଚେର କଲେଜ ପଡ଼ିଆଠାରେ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟନ ଅବସରରେ ଅତିଥିମାନେ।

ତାଳଚେର,୨୨।୧୧ (ମନୋଜ ନନ୍ଦ)

ଉପଖଣ୍ଡସ୍ତରୀୟ ୩ ଦିନିଆ କୃଷି ଯନ୍ତ୍ରପାତି ମେଳା ତାଳଚେର କଲେଜ ପଡ଼ିଆଠାରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଗୋଳ ମୁଖ୍ୟ ଜିଲା କୃଷି ଅଧିକାରୀ ଜ୍ୟୋତିଦୀପ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମେଳାକୁ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାର କୃଷକମାନଙ୍କ ପାଇଁ ବିହନ ଠାରୁ ସାର ପର୍ଯ୍ୟନ୍ତ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେଉଥିବାରୁ କୃଷକମାନେ ଏହି ମେଳାକୁ ଆସି ଏଠାରେ ମିଳୁଥିବା ବିଭିନ୍ନ ସୁଯୋଗ ନେବାକୁ ବିଧାୟକ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଢେଙ୍କାନାଳର ନିର୍ବାହୀ ଯନ୍ତ୍ରୀ (କୃଷି) ପ୍ରଦ୍ୟୁତ କୁମାର ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟା ରୀତାରାଣୀ ଦାସ ପ୍ରମୁଖ ଯୋଗଦାନ କରିଥିଲେ। ପାଲଲହଡ଼ା ସହକାରୀ ନିର୍ବାହୀ ଯନ୍ତ୍ରୀ (କୃଷି) ବ୍ରଜବନ୍ଧୁ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ତାଳଚେର କୃଷି ଜିଲା ଅଧିକାରୀ ମଳୟ କୁମାର ପରିଡ଼ାଙ୍କ ଆୟୋଜନରେ ଏହି କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହୋଇଥିବା ବେଳେ ତାଳଚେର ବ୍ଲକ କୃଷି ଅଧିକାରୀ ନାରାୟଣ ଚନ୍ଦ୍ର ସାହୁ, କଣିହାଁ ବ୍ଲକ କୃଷି ଅଧିକାରୀ ଅର୍ଜୁନ ରାଉତ, ଅଶୋକ କୁମାର ମହାନ୍ତି, ମାନଗୋବିନ୍ଦ ସାହୁ, ମନ୍ମଥ ନାଥ ପ୍ରମୁଖଙ୍କ ସହଯୋଗରେ ପ୍ରଥମ ଦିବସର କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲା।

## ଆଇନ ସଚେତନତା ଶିବିର

ଅନୁଗୋଳ,୨୨।୧୧ (ଅମିତ କୁମାର ସାମଲ)

ରାଜ୍ୟ ଆଇନସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ମହିଳାମାନଙ୍କ ଯୌନ ଉତ୍ପୀଡ଼ନ (ପ୍ରତିରୋଧ, ନିଷେଧ ଏବ ପ୍ରତିକାର) ଅଧିନିୟମ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ପରିବାର ଅଦାଲତ ବିଚାରପତି ସଦାଶିବ ଜେନା, ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସତନ୍ତ୍ର ପୋକ୍ସୋ ଅଦାଲତ ଅନୁଗୋଳ ବିଚାରପତି ରୁଦ୍ରପ୍ରସାଦ ମହାପାତ୍ର, ଜିଲା ଆଇନସେବା ପ୍ରାଧିକରଣ ସଦସ୍ୟ ପରମାନନ୍ଦ ମିଶ୍ର, ପ୍ରୋଟେକ୍ସନ ଅଫିସର ପୌର୍ଣ୍ଣମାସୀ ରଥ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶିବାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ଉତ୍ପୀଡ଼ନ (ପ୍ରତିରୋଧ, ନିଷେଧ ଏବ ପ୍ରତିକାର) ଅଧିନିୟମ ସମ୍ପର୍କରେ ଅତିଥିମାନେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଳୟର ମହିଳା ଡାକ୍ତର, ନର୍ସ, କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ ପରିଚାଳନା କରିଥିଲେ।




ସଚେତନତା ଶିବିରରେ ମଞ୍ଚାସୀନ ଅଧିକାରୀମାନେ।

# ଜନଜାତୀୟ ଗୌରବ ଦିବସ ଉଦ୍‌ଯାପିତ

ବଅଁରପାଳ,୨୨।୧୧ (ଉପେନ୍ଦ୍ର ରାଉତ)

ନାଲ୍‌କୋ ସ୍ମେଲ୍ଟର ଓ ପାୱାର କମ୍ପ୍ଲେକ୍ସ ଅନୁଗୋଳ ଠାରେ ପାଳନ ହେଉଥିବା ଜନଜାତୀୟ ଗୌରବ ଦିବସ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଶହୀଦ ବୀର୍ସା ମୁଣ୍ଡାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଛାତ୍ରୀଛାତ୍ର ଓ ସମାଜ ତଥା ଯୁବପିଢ଼ିଙ୍କ ମନରେ ଶହୀଦ୍ ବୀର୍ସା ମୁଣ୍ଡାଙ୍କ ଦେଶ ଓ ଜନଜାତି ସମାଜ ପ୍ରତି ଥିବା ଅବଦାନକୁ ମନେ ପକାଇବା ପାଇଁ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଉଦ୍‌ଯାପନ ଦିବସରେ ନାଲକୋର ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ସୋମନାଥ ହଂସଦଃ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହିତ ଧରମବୀର ମୋହନ ସିଂହ, ସହାୟକ ପ୍ରଫେସର କେନ୍ଦୁଝର ମହିଳା ମହାବିଦ୍ୟାଳୟ ମୁଖ୍ୟ ବକ୍ତା ରୂପେ ଯୋଗଦାନ କରିଥିଲେ। ନାଲ୍‌କୋ ସ୍ମେଲ୍ଟର ଓ ପାୱାର କମ୍ପ୍ଲେକ୍ସ ଇଡି ଅମିୟ କୁମାର ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଜିଏମ୍ ସତ୍ୟବାଦୀ ମିଶ୍ର, ଏସ୍‌ଏସ୍ ନରେଲ୍ଲା ଓ ଜିଏମ ସୁଗାତୋ ବାସୁ ଓ ଜିଏମ ତଥା ଲିୟାସନ ଅଫିସର ଚନ୍ଦ୍ରମୋହନ ମହାନ୍ତ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ନାଲ୍‌କୋ ଏସ୍‌ସି/ଏସ୍‌ଟି କର୍ମଚାରୀ ୱେଲଫେୟର ଆସୋସିଏଶନର ସଭାପତି ଓ ସାଧାରଣ ସମ୍ପାଦକଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ସଫଳତାର ସହ ଉତ୍ସବ ଆୟୋଜନ କରିଥିଲେ।




ଜନଜାତୀୟ ଗୌରବ ଦିବସ ଉଦ୍‌ଯାପନୀ ଦିବସରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ

ତାଳଚେର,୨୨।୧୧ (ମନୋଜ ନନ୍ଦ)

ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ନେତୃତ୍ୱରେ ଚାଲିଥିବା ତାଳଚେରସ୍ଥିତ ଗୋଡିବନ୍ଧ-ଏନ୍‌ଟିପିସି ରାସ୍ତା ଅବରୋଧ ଆନ୍ଦୋଳନ ବୁଧବାର ସ୍ଥଗିତ ରହିଛି। ଏ ନେଇ ପ୍ରଶାସନ ପକ୍ଷରୁ ଏକ ସମାଧାନ ବୈଠକ ଉପଜିଲାପାଳ ମନୋଜ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ଗୋଡିବନ୍ଧ ଠାରୁ ଏନ୍‌ଟିପିସି ରାସ୍ତାର ଅବସ୍ଥା ସମ୍ପର୍କରେ କହିବା ସହ ଏଠାରେ କାର୍ଯ୍ୟରତ କମ୍ପାନୀଗୁଡିକର ଅବହେଳାକୁ ନାପସନ୍ଦ କରିଥିଲେ। ଯଥାଶୀଘ୍ର ରାସ୍ତା କାର୍ଯ୍ୟ ଆରମ୍ଭ କରିବା, ସିଏସ୍‌ଆର୍ ଅର୍ଥ ଖର୍ଚ୍ଚ କରି ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବିକାଶ କରାଯିବା ଓ ସ୍ଥାନୀୟ ବେକାରୀ ଯୁବତୀଯୁବକମାନଙ୍କୁ ନିଯୁକ୍ତି ସୁଯୋଗ ଦେବା ପାଇଁ ପରାମର୍ଶ ଦେଇଥିଲେ।



ବୈଠକରେ ଏମ୍‌ପି, ପ୍ରଶାସନିକ ଅଧିକାରୀଙ୍କ ସହ ଅନ୍ୟମାନେ।

ରାସ୍ତା ନିର୍ମାଣ ଓ ମରାମତି କାର୍ଯ୍ୟ ଆରମ୍ଭ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରୀ ରହିବ ବୋଲି କହିଥିଲେ। ତେବେ ରାସ୍ତା ମରାମତି କାର୍ଯ୍ୟ ଆଜି ଠାରୁ ଆରମ୍ଭ ହେବ ଓ ସେହି ବାଟ ଦେଇ ଗାଡି ଅନ୍ୟୂନ୍ୟ ୨୦ କିମି ବେଗରେ ଚାଲିବା ଏବଂ ସ୍କୁଲ ପଢ଼ା, ଛୁଟି ସମୟରେ ଗାଡି ଚଳାଚଳ ବନ୍ଦ ରହିବା ବୋଲି ନିଷ୍ପତ୍ତି ନେଇ ବୈଠକରେ ପ୍ରତିଶ୍ରୁତି ଦିଆଯାଇଥିଲା। ଏକ ମାସ ମଧ୍ୟରେ ଏହି କାର୍ଯ୍ୟ ସମ୍ପାଦନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏହାପରେ ଆନ୍ଦୋଳନ ସ୍ଥଗିତ ରହିଥିଲା। ଏହି ବୈଠକରେ ପଲଲହାଡ଼ା ବିଧାୟକ ମୁକେଶ ପାଳ, ଜିଲାପରିସଦ ସଦସ୍ୟ ରଞ୍ଜନ ସାହୁ, ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ସଦର ଥାନା ଅଧିକାରୀ, ଏମ୍‌ସିଏଲ୍, ଏନଟିପିସି ଓ ଜେଆଇଟିପିଏଲ୍ ଅଧିକାରୀଙ୍କ ସମେତ ବହୁ ନିର୍ବାଚିତ ସମିତି ସଭ୍ୟ, ସରପଞ୍ଚ ଆଲୋଚନାରେ ଭାଗ ନେଇଥିଲେ।

